## ସଂକ୍ଷେପରେ

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୨ ଗିରଫ

**ଜେସିବି, ମୋରମ ବୋଝେଇ ହାଇୱା ଜବତ**

**ନିରାକାରପୁର,୧୦।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ଖଜୁରିପଡ଼ା ମୌଜାସ୍ଥିତ ମାଙ୍କଡ଼ା ପଥର ଖଣିରୁ ଦୀର୍ଘ ବର୍ଷ ହେବ ଚୋରା ଚାଲାଣ ହେଉଥିଲା। ସୋମବାର ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ନିରାକାରପୁର ଥାନା ପୋଲିସ ମିଳିତ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିବା ସହ ଗୋଟିଏ ଜେସିବି ମେଶିନ ଓ ମୋରମ ବୋଝେଇ ହାଇୱା ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ପ୍ରସନ୍ନ ଜେନା(୩୭) ଓ ସ୍ୱାଧୀନ କୁମାର ବଡଜେନା(୩୫)। ଏନେଇ ଥାନାରେ ଏକ ମାମଲା (ନଂ.୬/୨୨) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି। ଏହି ଚଢ଼ାଉରେ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀଙ୍କ ସମେତ ନିରାକାରପୁର ପୋଲିସ ସାମିଲ ହୋଇଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ଏକାମ୍ର ନିର୍ବାଚନ ମଣ୍ଡଳୀରେ ପ୍ରାୟ ୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ସୋମବାର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ୱାର୍ଡ ନଂ. ୫୪ ଜ୍ଞାନନଗର ଅନ୍ତେବାସୀଙ୍କ ଗୃହର ନବୀକରଣ କାର୍ଯ୍ୟର ଉଦ୍‌ଘାଟନ, ୱାର୍ଡ ନଂ.୫୯ ନୂଆଗାଁ ଗୋଷ୍ଠୀ ଗୃହ, ୱାର୍ଡ ନଂ.୬୫ ଏମ୍ସ ରାସ୍ତାରେ ଗୋଷ୍ଠୀ ଗୃହ ଉଦ୍‌ଘାଟନ, କପିଳେଶ୍ୱର କେନାଲ ବନ୍ଧ ଗାର୍ଡୱାଲର ଭିତ୍ତିପ୍ରସ୍ତର କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର, ରାଜେନ୍ଦ୍ର ସମର୍ଥା, ଦାଶରଥି ଗରାବଡୁ, ରଶ୍ମି ରଞ୍ଜନ ପାଟଶାଣୀ, ଚନ୍ଦ୍ରଶେଖର ମଲିଆ, ବସନ୍ତ ବରାଳ, ବିଜୟ ଜେନା, ରମେଶ ନାୟକ, ନଗେନ ବାରିକ, କଣ୍ଡୁରି ସାହୁ, ଅଶ୍ୱିନୀ ସାହୁ, ସୁବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

### କୋଭିଡ୍ କଟକଣା ଭୁଲିଗଲେ ସମବାୟ ସମିତି ସମ୍ପାଦକ



**ବୋଲଗଡ଼,୧୦।୧(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ନେଇ ସରକାରଙ୍କ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଛି। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଅନ୍ତର୍ଗତ ଗର୍ଭଣୀପଡା ସେବା ସମବାୟ ସମିତି ସମ୍ପାଦକ ଦେବାଶିଷ ପରିଡା ଏହି କଟକଣା ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଧାନମଣ୍ଡି ଖୋଲିନଥିବା ବେଳେ ସମିତି ସମ୍ପାଦକ ପରିଡ଼ା ଟୋକନପ୍ରାପ୍ତ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ନିର୍ଦ୍ଦିଷ୍ଟ ପରିମାଣ ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିବାକୁ ଏକ ସହମତି ସୃଷ୍ଟି ଉଦ୍ଦେଶ୍ୟରେ ପଞ୍ଜୀକୃତ ୫୯୭ ଚାଷୀଙ୍କୁ ଡକାଇ ସେବା ସମବାୟ ସମିତି କାର୍ଯ୍ୟାଳୟ ବାହାରେ ଆଲୋଚନା କରିଥିଲେ। ଅଧିକାଂଶ ଚାଷୀ ମାସ୍କ ପରିଧାନ କରି ନ ଥିବା ବେଳେ ସାମାଜିକ ଦୂରତ୍ୱକୁ ଭୁଲି ଯାଇଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ପରିଡ଼ାଙ୍କୁ ପଚାରିବାରୁ କୁହନ୍ତି, ଗତବର୍ଷ ଧାନମଣ୍ଡିରେ ଟାର୍ଗେଟ ନ ଆସିବାରୁ ବହୁତ ଅସୁବିଧା ହୋଇଥିଲା। ତେଣୁ ଏଥର ସେଭଳି ନ ହେବା ପାଇଁ ଚାଷୀଙ୍କୁ ନୋଟିସ ମାଧ୍ୟମରେ ଆଲୋଚନା ପାଇଁ ଡକାଯାଇଥିଲା। କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ୧୦୦ ଜଣ ଏକାଠି ହୋଇପାରବେ। ନିଷ୍ପତ୍ତିପତ୍ରରେ ୮୫ଜଣ ଦସ୍ତଖତ କରିଛନ୍ତି। ଅନେକ ବାହାର ଲୋକ ଆଲୋଚନାସ୍ଥଳକୁ ଆସିଥିଲେ ବୋଲି ସେ କହିଛନ୍ତି।

# ଗ୍ରାହକ ସାଜି ମହିଳା ବେପାରୀଙ୍କୁ ଧରିଲେ

**ଖୋର୍ଦ୍ଧା ଅଫିସ,୧୦।୧**

- ୨୧ ଗ୍ରାମ୍ ବ୍ରାଉନସୁଗାର, ୫,୩୦୦ ଟଙ୍କା ଜବତ
- ମହିଳା ବେପାରୀ ଗିରଫ

ଖୋର୍ଦ୍ଧା ଅବକାରୀ ପୋଲିସ ସୋମବାର ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ସ୍ୱର୍ଣ୍ଣଲତା ବେହେରା(୪୦)। ତାଙ୍କ ନିକଟରୁ ୨୧ ଗ୍ରାମ୍ ବ୍ରାଉନସୁଗାର, ୫,୩୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୧୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୭୬/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ସ୍ୱପ୍ନେଶ୍ୱର ସାହିରେ ସ୍ୱର୍ଣ୍ଣଲତା ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ଗ୍ରାହକ ସାଜି ଉକ୍ତ ସାହିରେ ପହଞ୍ଚିବା ପରେ ବ୍ରାଉନସୁଗାର କିଣିବା ବାହାନାରେ ତାଙ୍କୁ ଧରିଥିଲେ। ତେବେ ସ୍ୱର୍ଣ୍ଣଲତା କାହାଠାରୁ ବ୍ରାଉନସୁଗାର ଆଣୁଥିଲେ ଓ ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତଦନ୍ତ ଚାଲିଛି ବୋଲି ଇନ୍ସପେକ୍ଟର ସାହୁ କହିଛନ୍ତି। ଏହି ଚଢ଼ାଉରେ ଜିଲା ମୋବାଇଲ ୟୁନିଟ ଇନ୍ସପେକ୍ଟର ସସ୍ମିତା ହୋତା, ବି. ମନୋଜ କୁମାରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



ପ୍ରକାଶ ଯେ, ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଉଛି। ଏଥିଲାଗି ଏକ ବଡ଼ ରାକେଟ କାମ କରୁଛି। ଏସ୍‌ଟିଏଫ୍, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢ଼ି ଓ ମହିଳାମାନେ ସାମିଲ ହେଉଛନ୍ତି। ଯୁବପିଢ଼ି ବିପଥଗାମୀ ହେବା ସହ ଆପରାଧିକ ଘଟଣା ଘଟାଇବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଯୁବପିଢ଼ିଙ୍କୁ ରକ୍ଷା କରିବାକୁ ହେଲେ ଅଭିଭାବକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ବୁଦ୍ଧିଜୀବୀ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି। ଓକିଲ ସଂଘ ସଭାପତି ଅଜିତ ପଟ୍ଟନାୟକ ଓ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର କହିଛନ୍ତି, ଏହି କାରବାର ରୋକିବା ଲାଗି ସମୂହ ଉଦ୍ୟମ ଜରୁରୀ। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ କରାଯିବା ଆବଶ୍ୟକ। ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ବ୍ରାଉନସୁଗାର କାରବାର ରୋକିବା ଲାଗି ଖୋର୍ଦ୍ଧା ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ନିକଟରେ ନିଶା କାରବାରରୁ ବେଆଇନ ଭାବେ ଅର୍ଜନ କରିଥିବା ଜଣେ ଅପରାଧୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି।




ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ଧାରା ୧୬(୨) ସଂଶୋଧନ ନିଷ୍ପତ୍ତିକୁ ବିରୋଧ କରି ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ପୀରବାବା ପୀଠରୁ ଜବରଦଖଲ ଉଚ୍ଛେଦ ଦାବି

**ଖୋର୍ଦ୍ଧା ଅଫିସ,୧୦।୧**

ଖୋର୍ଦ୍ଧା ଜିଲା କାଇପଦରସ୍ଥିତ ପୀରବାବାଙ୍କ ପୀଠରୁ ଜବରଦଖଲ ଉଚ୍ଛେଦ ଦାବିରେ ସୋମବାର ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ପୀଠର ସ୍ୱତନ୍ତ୍ରତା ରହିଛି। ବର୍ଷତମାମ ଏଠାରେ ଭକ୍ତ, ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥାଏ। ରାଜ୍ୟ ତଥା ରାଜ୍ୟ ବାହାରୁ ହିନ୍ଦୁ, ମୁସଲମାନ ଶ୍ରଦ୍ଧାଳୁମାନେ ପୀରବାବାଙ୍କ ସମାଧିସ୍ଥଳକୁ ପ୍ରତ୍ୟହ ଦର୍ଶନ ପାଇଁ ଆସିଥା'ନ୍ତି। ଏହି ପୀଠ ନିକଟରେ ରହିଥିବା ସରକାରୀ ଜାଗା ଜବରଦଖଲରେ ରହିଛି। କାଇପଦର ଗ୍ରାମର କେତେଜଣ ବ୍ୟକ୍ତି ସେଠାରେ କ୍ୟାବିନ ପକାଇ ଦୋକାନ କରି ଏହାକୁ ଜବରଦଖଲରେ ରଖିଛନ୍ତି। ଫଳରେ ଏହି ଧର୍ମାନୁଷ୍ଠାନର ଉନ୍ନତୀକରଣରେ ଜବରଦଖଲକାରୀ ବାଧା ସୃଷ୍ଟି କରିବା ସହ ପୀଠସ୍ଥଳୀର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ତୁରନ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ କାଇପଦର ସରପଞ୍ଚ ରାଜଶ୍ରୀ ଚମ୍ପତିରାୟ, ଯୋଗୀନାଥ ବାହୁବଳେନ୍ଦ୍ର, ନାସିରୁଦ୍ଦିନ ଖାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଜାଲ୍ ଡକ୍ୟୁମେଣ୍ଟ କରି ଲୋନ୍ ଉଠାଉଥିଲେ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

- ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ, ଅଭିଯୁକ୍ତ ଗିରଫ
- ବିଭିନ୍ନ ପାନ୍‌କାର୍ଡ, ଆଧାରକାର୍ଡ, ପାସବୁକ୍ ଜବତ

ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଜାଲ୍ ଡକ୍ୟୁମେଣ୍ଟ କରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲୋନ୍ ଉଠାଇଥିବା ଜଣେ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ଅଧୀନ ଅଡଶପୁର ଗ୍ରାମର ସ୍ମୃତିରଞ୍ଜନ ସାହୁ(୩୮)। ତାଙ୍କ ଘରୁ ବିଭିନ୍ନ ଲୋକଙ୍କ ନାମରେ ଥିବା ଆଧାରକାର୍ଡ, ପାନ କାର୍ଡ, ବିଭିନ୍ନ ବ୍ୟାଙ୍କର ପାସବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ମୃତିରଞ୍ଜନ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ସନ୍ତୋଷ କୁମାର ସାହୁଙ୍କ ନାମରେ ଆଧାରକାର୍ଡ ଓ ପାନ୍‌କାର୍ଡର ଜାଲ ଡକ୍ୟୁମେଣ୍ଟ ତିଆରି କରଥିଲେ। ପରେ ସ୍ମୃତିରଞ୍ଜନ ରସୁଲଗଡ଼ସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କରୁ ସନ୍ତୋଷଙ୍କ ନାମରେ ଏକ ପାସ୍‌ବୁକ ଖୋଲି ସେଠାରୁ ୧ ଲକ୍ଷ ୪୦ ହଜାର ଟଙ୍କାର ଲୋନ୍ ଉଠାଇଥିଲେ। ଏହାପରେ ବାଜାଜ୍ ଫାଇନାନ୍ସରୁ ଏସି ଫ୍ରିଜ ସମେତ ଅନ୍ୟାନ୍ୟ ସାମଗ୍ରୀ ୧ ଲକ୍ଷ ଟଙ୍କାର ନେଇଥିଲେ। କିଛିଦିନ ପରେ ସନ୍ତୋଷଙ୍କ ନିକଟକୁ ଲୋନ୍‌ର କିସ୍ତି ଦେବାକୁ ନୋଟିସ ଯାଇଥିଲା। ଏହାପରେ ସେ ଉକ୍ତ ସଂସ୍ଥାକୁ ଆସି ସେ ଲୋନ୍ ଉଠାଇ ନ ଥିବା କହିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରବିବାର (ନଂ.୪/୨୨) ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଫେକ୍ ଡକ୍ୟୁମେଣ୍ଟ ତିଆରି କରି ସ୍ମୃତିରଞ୍ଜନ ଏପରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଅଭିଯୁକ୍ତ ସ୍ମୃତିରଞ୍ଜନ ଫେକ୍ ଡକ୍ୟୁମେଣ୍ଟ ଦେଇ ଏପରି ବିଭିନ୍ନ ସଂସ୍ଥାରୁ ଲୋନ୍ ନେଇଥିବା ଜଣାପଡିଛି। ଆଗାମୀ ଦିନରେ ତାଙ୍କ ନାମରେ ଠକେଇ ପରିମାଣ ବଢିପାରେ ବୋଲି ସେ କହିଛନ୍ତି।

# ବିଲ୍ ପାସ୍ ବିଳମ୍ବ ନେଇ ସରପଞ୍ଚଙ୍କ ଅସନ୍ତୋଷ



**ଜଟଣୀ,୧୦।୧(ଡି.ଏନ୍.ଏ.)**

**ପଞ୍ଚାୟତ ସମିତି ବୈଠକ**

ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବିଡିଓ ସରୋଜ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚଙ୍କ ମାଧ୍ୟମରେ ଦିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ନିର୍ବାଚନ ଥିବାରୁ ଶୀଘ୍ର ସାରିବାକୁ ବିଡିଓ ଏବଂ ଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ୧୪ ପଞ୍ଚାୟତରେ ଏହି କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଲ୍ ପାସ ହୋଇପାରୁ ନାହିଁ। ଫଳରେ ଏନେଇ ବୈଠକରେ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଛତାବର ସରପଞ୍ଚ ମନସ୍ୱିନୀ ମିଶ୍ର ଡେଙ୍ଗ କହିଥିଲେ, ଛତାବର ପଞ୍ଚାୟତ ଆଦର୍ଶ ପଞ୍ଚାୟତରେ ପରିଣତ ହୋଇଛି। ହିତାଧିକାରୀଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବା ସହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏପର୍ଯ୍ୟନ୍ତ ପଞ୍ଚାୟତରେ ୨୬୪ଟି ଶୌଚାଳୟର ବିଲ୍ ପାସ ହୋଇ ନ ଥିବା ନେଇ ପଚାରିଥିଲେ ମଧ୍ୟ ବିଡିଓ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ରହିଥିବା ବେଳେ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର(ପିଇଓ)ଙ୍କୁ ହଠାତ୍ ବଦଳି କରାଯିବା ସମସ୍ତଙ୍କୁ ଚକିତ କରିଛି ବୋଲି ସରପଞ୍ଚ ଡେଙ୍ଗ କହିଛନ୍ତି। ସେହିପରି ଛଣଘର ସରପଞ୍ଚ ସୁନିଲ ରାଉତରାୟ, ତରାବୋଇ ସରପଞ୍ଚ ସକିରା ଅବରାର ପ୍ରମୁଖ ରାସ୍ତା ନିର୍ମାଣ କାର୍ଯ୍ୟ, ଶୌଚାଳୟ ନିର୍ମାଣର ବିଲ୍ ପାସ କରାଯାଇ ନ ଥିବା ଅଭିଯୋଗ ଆଣିଥିଲେ। ଏନେଇ ବିଡିଓ ରାଉତଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ମହୁଲିଆ ଭାଗବତମଣ୍ଡଳୀ ଚାମ୍ପିୟନ

**ବୋଲଗଡ଼,୧୦।୧(ଡି.ଏନ୍.ଏ.):**

ବୋଲଗଡ଼ ବ୍ଲକ ଅସରଳା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ୩ ଦିନ ଧରି ଚାଲିଥିବା ମା' କାଳିକା ଭାଗବତ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଖଉରୁଣୀ ଭାଗବତମଣ୍ଡଳୀ ଓ ଖଣ୍ଡପଡ଼ା ବ୍ଲକ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହୁଲିଆ ଭାଗବତମଣ୍ଡଳୀ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମହୁଲିଆମଣ୍ଡଳୀ ୩୮ ପଏଣ୍ଟ ପାଇଥିବା ବେଳେ ଖଉରୁଣୀମଣ୍ଡଳୀ ୩୪ ପଏଣ୍ଟ ପାଇଥିଲା। ପ୍ରତିଯୋଗିତାରେ ସୁକାନ୍ତ ନନ୍ଦ, ମାନସ ରଞ୍ଜନ ପଟ୍ଟନାୟକ ଓ ସାଧୁ ଚରଣ ବେହେରା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅତିଥିଭାବେ ପ୍ରଦୀପ କୁମାର ସାହୁ, ଅମିୟ ପଟ୍ଟନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନମଣ୍ଡଳୀଙ୍କୁ ସିଲ୍ ଓ ରନର୍ସ ଅପ୍ ଟିମକୁ କପ୍ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ କେଦାରନାଥ ପଟ୍ଟଯୋଶୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଧବ ବେହେରା, ବିଜୟ ପଟ୍ଟଯୋଶୀ, ବିଷ୍ଣୁ ପ୍ରସାଦ କର, ସୁରେଶ ଚନ୍ଦ୍ର ମିଶ୍ର, ଦିଲୁ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ଲାଗି ବହୁ ଭାଗବତପ୍ରେମୀଙ୍କ ସମାଗମ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ନେହଲତା



@ ଅକ୍ଷୟ



@ ଚିତ୍ତରଞ୍ଜନ



@ ରାମକୃଷ୍ଣ



@ ପ୍ରକାଶ



@ ସୁଜିତ

# ୧୫୨ ଜଣ ନେଲେ ବୁଷ୍ଟର ଡୋଜ୍



**ଖୋର୍ଦ୍ଧା ଅଫିସ,୧୦।୧**

ସମଗ୍ର ଦେଶରେ ବୁଷ୍ଟର (ପ୍ରିକ୍‌ସନାରୀ) ଡୋଜ୍ ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଟିକା ଦିଆଯାଉଛି। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଏହି ବୁଷ୍ଟର ଡୋଜ୍ ଦିଆଯିବ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଆର୍ତ୍ତତ୍ରାଣ ନାୟକ ପ୍ରଥମ ଟିକା ନେଇ ଏହାର ଶୁଭାରମ୍ଭ କରିଥିଲେ। ପରେ ଏଡିଏମ୍‌ଓ(ପିଏଚ୍) ଡା. ରଘୁନାଥ ନାୟକ, ଜିଲା କୋଭିଡ୍ ସେଲ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ମିଶ୍ର ନେଇଥିଲେ। ପ୍ରଥମ ଦିନରେ ୧୫୨ଜଣଙ୍କୁ ଏହି ଟିକା ଦିଆଯାଇଛି। ସେଥିରୁ ୬୦ବର୍ଷରୁ ଊର୍ଦ୍ଧ୍ୱ ୯୭, ଡାକ୍ତର ୧୦ ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ୪୫ଜଣଙ୍କୁ ଦିଆଯାଇଛି। ଏନେଇ ସିଡିଏମ୍‌ଓ ନାୟକ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚସି ସ୍ତରରେ ଏହି ଟିକାକରଣ ଚାଲିଛି। ଏଥିସହ ୧୫ରୁ ୧୮ବର୍ଷ କିଶୋର, ୧୮ବର୍ଷରୁ ଊର୍ଦ୍ଧ୍ୱଙ୍କ ଟିକାକରଣ ଜାରି ରହିଛି।



କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ପୁରାତନ ଡାକଘର ସ୍ଥାନାନ୍ତରକୁ ବିରୋଧ କରି ସୋମବାର ଭାଜପା ୱାର୍ଡ ନଂ.୩୪ର ପ୍ରତିନିଧିମାନେ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।




ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରୁଛନ୍ତି।



କଟକ ଏସ୍‌ସିବି ମେଡିକାଲର କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେବା ପାଇଁ ଆସିଥିବା ଲୋକେ ସୋମବାର ଲମ୍ବାଧାଡ଼ିରେ ଅପେକ୍ଷା କରି ରହିଛନ୍ତି।

## ବ୍ଲକ କର୍ମଚାରୀ ନେଲେ ବୁଷ୍ଟର ଡୋଜ୍

ଡେଲାଙ୍ଗ, ୧୦।୧(ଡି.ଏନ୍.ଏ.)- ମହାମାରୀ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଧୀରେ ଧୀରେ ଦେଶ ସମେତ ରାଜ୍ୟରେ କାୟା ବିସ୍ତାର କରିବାରେ ଲାଗିଛି। ଏ ନେଇ ସରକାର ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍ ପରେ ବୁଷ୍ଟର ଡୋଜ୍ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି କ୍ରମରେ ସୋମବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ ସର୍ବପ୍ରଥମେ ବୁଷ୍ଟର ଡୋଜ୍ ଟିକା ନେଇଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କୁ ଏହି ଡୋଜ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିଲା। ମଙ୍ଗଳବାର ପୋଲିସ, ତହସିଲ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ଏହି ଡୋଜ୍ ଦିଆଯିବ ବୋଲି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧।୨୦୨୨

| | |
|---|---|
| ୨୧୫୮ ଟଙ୍କା | |
| ସୁନା | ୨୫୦ ମିଲି ଗ୍ରାମ |
| ରୁପା | ୨.୩୮୦ ଗ୍ରାମ |

# ୟୁନିଫର୍ମ ପଲିସି ଲାଗୁ ଦାବି ତେଜିଲା

## ଧାରା ୧୬ (୨)କୁ ବିଭିନ୍ନ ମହଲରେ ବିରୋଧ

ପୁରୀ ଅଫିସ,୧୦।୧

ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ଧାରା ୧୬(୨) ସଂଶୋଧନ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ନେଇଥିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ବିଭିନ୍ନ ସଙ୍ଗଠନ ଏହାକୁ ବିରୋଧକରି ସୋମବାର ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଛନ୍ତି। ଏପରି କି ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଛି।

ମଞ୍ଚର ଆବାହକ ଶ୍ରୀକାନ୍ତ ପରିଜା କହିଛନ୍ତି, ୟୁନିଫର୍ମ ପଲିସି-୨୦୦୩ ଆଧାରରେ ଲୋକଙ୍କୁ ଜମି ମାଲିକାନା ସ୍ୱତ୍ୱ ପ୍ରଦାନ ପାଇଁ ଦାବି ହୋଇଥିବାବେଳେ ସଂଶୋଧନର ଆବଶ୍ୟକତା ନ ଥିଲା। ଏଣୁ ୟୁନିଫାଏଡ୍ ପଲିସିର ସରଳୀକରଣ ହେବା ଦରକାର। ଫଳରେ ଲୋକେ ଜମିର ମାଲିକାନା ସ୍ୱତ୍ୱ ପାଇପାରିବେ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ କହିଛନ୍ତି। ସେହିଭଳି ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ମଧ୍ୟ ସଂଶୋଧନ ବିରୋଧରେ ସ୍ୱର ଉଠାଇଛି। ଜମି ବିକ୍ରୟ, ବନ୍ଧକ ଓ ଲିଜ୍ ଭଳି ନିଷ୍ପତ୍ତିକୁ ଏକ ଆନୁଷ୍ଠାନିକ ପ୍ରକ୍ରିୟା ଭିତରେ ନ ରଖି ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀଙ୍କ ହାତରେ ଟେକିଦେବା ପାଇଁ ପ୍ରୟାସ କରୁଛନ୍ତି। ଏହାଦ୍ୱାରା ଜମି ମାଫିଆ ଓ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଲୋକେ ହୀନସ୍ତା ହେବେ। ତୁରନ୍ତ ଠିକ ଦର ନିର୍ଦ୍ଧାରଣ କରି ଲୋକଙ୍କୁ ଜମିର ମାଲିକାନା ସ୍ୱତ୍ୱ ଦିଆଯାଉ। ଅନାବଶ୍ୟକ ଭାବେ ଧାରା ୧୬(୨)କୁ ସଂଶୋଧନ କରାଗଲେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉପପ୍ରଶାସକ ତଥା ପୁରୀ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ତୁରନ୍ତ ୟୁନିଫର୍ମ ପଲିସିରେ ସଂଶୋଧନ ଆଣିବା ସହ ୧୯୫୪-ଶ୍ରୀଜଗନ୍ନାଥ ମନ୍ଦିର ଆଇନର ୧୬(୨) ସଂଶୋଧନରୁ ସରକାର ନିବୃତ୍ତ ରୁହନ୍ତୁ। ନଚେତ୍ ଆନ୍ଦୋଳନ କରାଯିବା ସହ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ୟୁନିଫର୍ମ ପଲିସି ନିର୍ଦ୍ଧାରଣକରି ମଠ ଦାୟିତ୍ୱରେ ଥିବା ମହାପ୍ରଭୁଙ୍କ ଜମିକୁ ମଠକୁ ଦେବା ପାଇଁ ମଠମହନ୍ତମାନେ ଦାବି କରିଛନ୍ତି। ଏନେଇ ମଠ ମହନ୍ତଙ୍କର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମହନ୍ତ ରାମଚରଣ ଦାଶ କହିଛନ୍ତି, ୟୁନିଫର୍ମ ପଲିସିରେ କିଣିବାକୁ ଆମେ ପ୍ରସ୍ତୁତ ରହିଛୁ ଓ ମହାପ୍ରଭୁଙ୍କ ଜମି ଆମ ମାଲିକାନାକୁ ଦିଆଯାଉ। ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାଶ, କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାଶ ଓ ମଙ୍ଗୁ ମଠ ମହନ୍ତ ଭବାନୀ ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଧାରା ୧୬ (୨) ସଂଶୋଧନ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ୟୁନିଫର୍ମ ପଲିସିର ନକ୍ସା ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ସୂଚନା ରହିଛି।




ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ଧାରା ୧୬(୨) ସଂଶୋଧନ ନିଷ୍ପତ୍ତିକୁ ବିରୋଧ କରି ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଶାଶୁଘର ଆଗରେ ରୋଷେଇ କରି ଖାଇଲେ ଲକ୍ଷ୍ମୀପ୍ରିୟା ତୃତୀୟ ଦିନରେ ଧାରଣା

ବ୍ରହ୍ମଗିରି,୧୦।୧(ଡି.ଏନ୍.ଏ.)

ବ୍ରହ୍ମପୁରର ତପସ୍ୱିନୀଙ୍କ ଘଟଣା ଭଳି ବ୍ରହ୍ମଗିରିରେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ସ୍ୱାମୀଙ୍କ ସହ ରହି ସଂସାର କରିବା ଦାବିରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମରେ ଶାଶୁଘର ସାମ୍ନାରେ ଲକ୍ଷ୍ମୀପ୍ରିୟା ଦଳାଇ ଧାରଣାରେ ବସି ରହିଛନ୍ତି। ତାଙ୍କର ଏହି ଧାରଣା ସୋମବାର ୩ ଦିନରେ ପହଞ୍ଚିଥିବାବେଳେ ଶ୍ୱଶୁର ଘର ଲୋକେ ବାହାରେ ତାଲାମାରି ଘର ଭିତରେ ରହିଛନ୍ତି। ଲକ୍ଷ୍ମୀପ୍ରିୟା ୨ ଦିନ ଧରି ଅସହାୟ ଅବସ୍ଥାରେ ଶୀତରେ ଘର ବାହାରେ ବସି ରହିଥିବାବେଳେ ଶାଶୁଘର ଲୋକେ ଅଣଦେଖା କରିଥିଲେ। ଫଳରେ ନ୍ୟାୟ ପାଇବା ଆଶାରେ ଲକ୍ଷ୍ମୀପ୍ରିୟା ଅଣ୍ଟା ଭିଡି ସୋମବାରଠାରୁ ଶାଶୁଘର ଆଗରେ ନିଜେ ରୋଷେଇ କରି ଖାଇବା ଆରମ୍ଭ କରିଛନ୍ତି। ତାଙ୍କୁ ସୁରକ୍ଷା ଦେବା ପାଇଁ ବ୍ରହ୍ମଗିରି ଥାନା ତରଫରୁ ମହିଳା ପୋଲିସ ଜଗିଛନ୍ତି। ସୂଚନା ମୁତାବକ, ହରିଦାସ ଗ୍ରାମର ଦିବାକର ଦଳାଇଙ୍କୁ ଲକ୍ଷ୍ମୀପ୍ରିୟା ୨୦୧୬ରେ ବିବାହ କରିଥିଲେ। ବିବାହର ୨୦ ଦିନ ପରେ ପାରିବାରିକ କଳହ ଯୋଗୁ ଲକ୍ଷ୍ମୀପ୍ରିୟା ବାପଘରକୁ ଚାଲିଯାଇଥିଲେ। ପରେ ତାଙ୍କ ଶାଶୁଘର ଲୋକ ଅତ୍ୟଧିକ ଯୌତୁକ ସହ ବିଭିନ୍ନ କାରଣ ଦର୍ଶାଇ ତାଙ୍କୁ ଘରକୁ ଆଣି ନ ଥିଲେ। ସେହିଦିନଠାରୁ ବାପଘରେ ରହି ୫ ବର୍ଷ ବିଭିନ୍ନ ଦପ୍ତରକୁ ଦୌଡି ନିରାଶ ହେବା ପରେ ଶନିବାର ଶାଶୁଘରକୁ ଯାଇଥିଲେ। ସେଠାରେ ତାଙ୍କୁ ମାଡମାରି ଘରୁ ବାହାର କରିଦେବା ପରେ ସେଦିନଠାରୁ ତାଙ୍କ ଘରଆଗରେ ଧାରଣାରେ ବସି ରହିଛନ୍ତି।

## ସଂକ୍ଷେପରେ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସାହିବାସିନ୍ଦା

ପୁରୀ ଅଫିସ, ୧୦।୧: ପୁରୀ ପୌରସଂସ୍ଥା ଅନ୍ତର୍ଗତ ୭ନମ୍ବର ୱାର୍ଡର ବଳିଆପଣ୍ଡା ଜନମଙ୍ଗଳ ସମିତି ଗଳି ସିଂ ସାହିର ବାସିନ୍ଦାମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାହି ପୋଖରୀକୁ କେତେକ ଲୋକ ଦୂଷିତ କରୁଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରି ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସାହି ବାସିନ୍ଦା ଅଭିଯୋଗ କରିଛନ୍ତି, ସାହିର କେତେଜଣ ବ୍ୟକ୍ତି କିଛିଦିନ ହେବ ସେମାନଙ୍କ ପାଇଖାନା ପାଣି ଓ ନିତ୍ୟ ବ୍ୟବହୃତ ପାଣିକୁ ସିଧାସଳଖ ଭାବେ ପାଇପ୍ ଲଗାଇ ନିକଟରେ ଥିବା ଏକ ପୋଖରୀକୁ ଛାଡୁଛନ୍ତି। ଫଳରେ ବ୍ୟବହୃତ ହେଉଥିବା ଏହି ପୋଖରୀର ଜଳ ଦୂଷିତ ହୋଇଯାଉଛି। ଏହାକୁ ଅନ୍ୟମାନେ ବ୍ୟବହାର କରିପାରୁନାହାନ୍ତି। ସେହି ପାଣି ବ୍ୟବହାର କଲେ ରୋଗାକ୍ରାନ୍ତ ହେବାକୁ ପଡୁଛି। ଏ ନେଇ ପୌରସଂସ୍ଥାକୁ ଜଣାଇ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

### ସାଇ ସରୋଜିନୀ ମ୍ୟୁଜିକ୍‌ର ସ୍ୱନକ୍ଷତ୍ର ଦିବସ

କାକଟପୁର,୧୦।୧(ଡି.ଏନ୍.ଏ.)- କାକଟପୁରର ସଦାଶିବ ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ ସାଇ ସରୋଜିନୀ ମ୍ୟୁଜିକ୍ ଚ୍ୟାନେଲର ପ୍ରଥମ ସ୍ୱନକ୍ଷତ୍ର ଦିବସ ପାଳନ ହୋଇଯାଇଛି। ପ୍ରଥମେ ସାଇ ସରୋଜିନୀ ମ୍ୟୁଜିକ୍ ପକ୍ଷରୁ ମୋ ଶିରିଡ଼ି ସାଇ ନାମରେ ସାଇ ଭଜନ ରିଲିଜ୍ ହୋଇଥିଲା। ଏହି ଗୀତକୁ ଲଳିତ ମୋହନ ମହାନ୍ତି ଲେଖିଥିବାବେଳେ କଣ୍ଠଶିଳ୍ପୀ ଚରଣ ମହାନ୍ତି କଣ୍ଠଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ସାହୁ ଏହାକୁ ସଜାଇଥିଲେ। ପରେ ଓଁ ନମୋ ନମଃ, ଜୟ ମା' ଦୁର୍ଗେ, ଦୟାବନ୍ତ ଗିରିନାଥ, ଏତିକି ମିନତି ଘେନ ଉମାପତି, ଓ ସାଥିରେ, ଓଡ଼ିଆ ସାଇବାବା ଆରତି ଇତ୍ୟାଦି ଗୀତ ସାଇ ସରୋଜିନୀ ମ୍ୟୁଜିକ୍ ଦର୍ଶକଙ୍କୁ ଭେଟି ଦେଉଛି। ଚ୍ୟାନେଲରେ ମୋ ଶିରିଡ଼ି ସାଇ, ଓ ସାଥିରେ ଗୀତର ଷ୍ଟୁଡିଓ ଭର୍ସନ ସହ ଭିଡିଓ ମଧ୍ୟ ରିଲିଜ୍ ହୋଇଛି।

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପୁରୀର ୩ ମେଡାଲ

ପୁରୀ ଅଫିସ,୧୦।୧- କଳିଙ୍ଗ ବଡିବିଲ୍ଡିଂ ଫିଟ୍‌ନେସ୍ ଆସୋସିଏଶନ ଓ ୱାର୍ଲଡ ଫିଟ୍‌ନେସ୍ ଫେଡେରେଶନର ମିଳିତ ସହଯୋଗିତାରେ ବଲାଙ୍ଗୀରରେ ଇମ୍ପୋରିଆଲ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗରେ ପୁରୀ ଲିଜେଣ୍ଡ ଜିମ୍ ହାତେଇଛି ୩ଟି ମେଡାଲ। ପୁରୁଷ ବେଷ୍ଟ ଫିଟନେସ୍‌ରେ ଏସ୍.କେ. ସାହିଲ ଗୋଲ୍ଡ ପାଇଥିବାବେଳେ ୬୦କେଜି ସୁନ୍ଦର ସ୍ୱାସ୍ଥ୍ୟରେ ଏସ୍. ଶିବା ରେଡ୍ଡୀ ରୌପ୍ୟ ଓ ୭୫ କେଜିରେ ସୋମନାଥ ଜାଲି କାଂସ୍ୟ ପଦକ ହାତେଇଛନ୍ତି। ଶିବପ୍ରସାଦ ମହାପାତ୍ର ୬୫ କେଜିରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ପୁରୀରେ ଖେଳାଳିମାନେ ପହଞ୍ଚିବା ପରେ କଳିଙ୍ଗ ବଡିବିଲ୍ଡିଂ ଫିଟନେସ୍ ଆସୋସିଏଶନର ଚିଫ୍ ପାଟର୍ନ ଗୌରୀଶଙ୍କର ସିଂହାରୀ, ସାଧାରଣ ସମ୍ପାଦକ ରଞ୍ଜନ ମହାନ୍ତି ଏବଂ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା ପ୍ରମୁଖ ସ୍ୱାଗତ କରିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ସ୍ନେହଲତା



@ ଅକ୍ଷୟ



@ ଚିତ୍ତରଞ୍ଜନ



@ ରାମକୃଷ୍ଣ



@ ପ୍ରକାଶ



@ ସୁଜିତ

# ଏନ୍‌ଏସି ନିର୍ବାହୀ ଅଧିକାରୀ ବିଳମ୍ବ ଆସିବା ନେଇ ଅସନ୍ତୋଷ

କୋଣାର୍କ,୧୦।୧(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସିରେ ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସବୁଦିନ ବିଳମ୍ବରେ ଆସୁଥିବା ନେଇ ଅଭିଯୋଗ ହୋଇଛି। ଏପିରି କି ସମସ୍ତ କାର୍ଯ୍ୟାଳୟ ଚାବି ଅଧିକାରୀ ନିଜେ ରଖୁଥିବାରୁ ଅନ୍ୟ କର୍ମଚାରୀମାନେ ମଧ୍ୟ ବିଳମ୍ବରେ ଆସୁଛନ୍ତି। ଫଳରେ ଏନ୍‌ଏସିର ବିଭିନ୍ନ କାର୍ଯ୍ୟରେ ବାଧା ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ବଦଳି ପରେ ତାଙ୍କ ସ୍ଥାନରେ ନୂତନ ଭାବେ ଆକୃତି ଗୋଏଙ୍କାଙ୍କୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହି ନୂତନ ନିର୍ବାହୀ ଅଧିକାରୀ କାର୍ଯ୍ୟରେ ଯୋଗଦେବା ପରେ ସରକାରୀ ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବରେ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁଛନ୍ତି। ଫଳରେ କର୍ମଚାରୀମାନେ ମଧ୍ୟ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିୟମ ଅନୁଯାୟୀ ଏହି ଅଧିକାରୀ ଜଣକ କୋଣାର୍କରେ ରହିବାର ନିର୍ଦ୍ଦେଶ ରହିଛି। ମାତ୍ର ସେ କଟକରୁ କୋଣାର୍କ ଯାତାୟାତ କରୁଥିବାରୁ ଅଫିସରେ ସବୁଦିନ ମଧ୍ୟାହ୍ନ ୧୨ଟାରେ ପହଞ୍ଚି ପୁଣି ୩ଟାରେ ଅଫିସ ଛାଡୁଛନ୍ତି। ଏଥିଯୋଗୁ ଅଧିକାଂଶ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଅଧିକାରୀ ଜଣକ କାର୍ଯ୍ୟାଳୟର ସମସ୍ତ ତାଲା ଚାବି ନିଜ ପାଖରେ ରଖି ବିଳମ୍ବରେ ଆସୁଥିବା ଯୋଗୁ ଅନ୍ୟ କର୍ମଚାରୀମାନେ ଅଫିସ ଆସି ଚାବି ନ ଥିବାରୁ ବଜାରରେ ବୁଲୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଗୋଏଙ୍କା କହିଛନ୍ତି, ଖୁବ୍‌ଶୀଘ୍ର ପୁରୀରେ ଘରଭଡ଼ା ନେଇ ରହିବା ବ୍ୟବସ୍ଥା କରୁଛି। ଫଳରେ ଆଉ ଆସିବାରେ ବିଳମ୍ବ ହେବ ନାହିଁ କି କୌଣସି ଅସୁବିଧା ଉପୁଜିବ ନାହିଁ।

# ୨୪୯୯ ଜଣ ନେଲେ ବୁଷ୍ଟର ଡୋଜ୍

ପୁରୀ ଅଫିସ,୧୦।୧:

ପୁରୀରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ପୁରୀ ଜିଲାରୁ ୧୩୦ ଏବଂ ପୁରୀ ସହରରୁ ୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପ୍ରାୟ ସମସ୍ତ ୱାର୍ଡରେ ସଂକ୍ରମଣ ବ୍ୟାପିସାରିଛି। ୧୯ ଓ ୨୧ ନମ୍ବର ୱାର୍ଡରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଛି। ପୁରୀ ସଦରରୁ ୧୨ ଜଣ ସଂକ୍ରମିତ ରହିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋପୀନାଥପୁର ଓ ବାଲିଗୁଆଳିରୁ ଯଥାକ୍ରମେ ୭ ଓ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ଦୁଇ ଅଞ୍ଚଳ ସହରକୁ ଲାଗିକରି ରହିଛି। ତେଣୁ ସଂକ୍ରମଣ ସହରରୁ ଗ୍ରାମାଞ୍ଚଳକୁ ବ୍ୟାପିବା ଆରମ୍ଭ କରିଛି। ସେହିଭଳି ସତ୍ୟବାଦୀରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାଶ କହିଛନ୍ତି, ଲୋକେ ସଚେତନ ହେଲେ ସଂକ୍ରମଣକୁ ରୋକାଯାଇପାରିବ। ବୁଷ୍ଟର ଡୋଜ୍ ପାଇଁ ଯୋଗ୍ୟ ବିବେଚିତ ଲୋକେ ଅତିରିକ୍ତ ଡୋଜ୍ ନେଇ ନିଅନ୍ତୁ ବୋଲି ସେ ଅପିଲ୍ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଜିଲାରେ କରୋନା ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। ପୌରସଂସ୍ଥାର ୭ଟି ଓ ଜିଲାର ସମସ୍ତ ବ୍ଲକ୍‌ର ୫୦ଟି ସ୍ଥାନରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ସୋମବାର ୯୫୯ ସ୍ୱାସ୍ଥ୍ୟକର୍ମୀ, ୧୧୦୪ କରୋନା ସମ୍ମୁଖ ଯୋଦ୍ଧା, ୬୦ ବର୍ଷରୁ ଊର୍ଦ୍ଧ୍ୱ ୪୩୬ ଜଣ ବରିଷ୍ଠ ନାଗରିକଙ୍କୁ ମିଶାଇ ମୋଟ ୨୪୯୯ ଜଣଙ୍କୁ ଏହି ଡୋଜ୍ ଦିଆଯାଇଛି। ଏହି ଅବସରରେ ସଦ୍‌ଭାବନା ଗୃହରେ ଆୟୋଜିତ ଟିକାକରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାଶ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ସିଡିଏମ୍‌ଓ ପ୍ରଣବ ଶଙ୍କର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସହରରେ ସଂକ୍ରମଣକୁ ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂ ଚାଲିଥିବାବେଳେ ଗତ ୨ରୁ ୮ ତାରିଖ ମଧ୍ୟରେ ପୋଲିସ ୧୩୧୧ ଜଣ ଅମାନିଆଙ୍କଠାରୁ ୧ ଲକ୍ଷ ୩୨ ହଜାର ଟଙ୍କା ଆଦାୟ କରିଛି। ସେହିଭଳି ସୋମବାର ୧୬୨ଜଣ ଅମାନିଆଙ୍କଠାରୁ ୧୬,୨୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏପର୍ଯ୍ୟନ୍ତ ମୋଟ ପ୍ରାୟ ଦେଢଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ପୁରୀ ସହରରେ ଥିବା ବିଭିନ୍ନ ହୋଟେଲକୁ ଯାଞ୍ଚ କରାଯାଉଛି। ସନ୍ଦେହରେ ଥିବା ଯାତ୍ରୀମାନଙ୍କୁ ଟେଷ୍ଟ କରାଯିବା ସହ କୋଭିଡ୍ ପ୍ରୋଟୋକଲ୍ ମାନିବା ପାଇଁ ପରାମର୍ଶ ଦିଆଯାଉଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।



ଜଣେ ମହିଳାଙ୍କୁ ବୁଷ୍ଟର ଡୋଜ ଟିକା ଦିଆଯାଉଛି।

### ଅମାନିଆ ଗଣିଲେଣି ଦେଢଲକ୍ଷ ଜରିମାନା

# ୧୦ କେଜି ଗଞ୍ଜେଇ ସହ ୧.୩୨ ଲକ୍ଷ ଟଙ୍କା ଜବତ



ପୋଲିସ ଧରିଥିବା ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ନିମାପଡ଼ା,୧୦।୧(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଏ ନେଇ ଏସ୍‌ପି ଡ. କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସୋମବାର ନିମାପଡ଼ା ଏନ୍‌ଏସିର ଜଇନାବାଦ ଗ୍ରାମରେ ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର କୁନା ସାହୁ। ଚଢ଼ାଉରେ ୧୦କେଜି ଗଞ୍ଜେଇ, ନଗଦ ୧ ଲକ୍ଷ ୩୨ହଜାର ୫ ଶହ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୧/୨୨) ରୁଜୁ କରି କୁନାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ନିମାପଡ଼ା ଜେଲକୁ ପଠାଇ ଦେଇଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି।

### ଗଞ୍ଜେଇ ବେପାରୀ ଜେଲ ଗଲେ



କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ପୁରାତନ ଡାକଘରକୁ ସ୍ଥାନାନ୍ତରକୁ ବିରୋଧ କରି ସୋମବାର ଭାଜପା ୱାର୍ଡ ନଂ.୩୪ର ପ୍ରତିନିଧିମାନେ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।




ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରୁଛନ୍ତି।



କଟକ ଏସ୍‌ସିବି ମେଡିକାଲର କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେବା ପାଇଁ ଆସିଥିବା ଲୋକେ ସୋମବାର ଲମ୍ବାଧାଡ଼ିରେ ଅପେକ୍ଷା କରି ରହିଛନ୍ତି।

# ଚାରିଆଡୁ ସ୍ୱାଗତ, ଆଶାୟୀ ଖୁସି

## ଚାକିରି ଆବେଦନ ପାଇଁ ବୟସ ବୃଦ୍ଧି

ଭୁବନେଶ୍ୱର,୧୦।୧ (ବ୍ୟୁରୋ)

ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମାକୁ ୩୨ ବର୍ଷରୁ ୩୮ ବର୍ଷ ଅର୍ଥାତ୍ ୬ବର୍ଷ ବୃଦ୍ଧି କରାଯାଇଛି। ସେହିପରି ଅନୁସୂଚିତ ଜାତି, ପଛୁଆ ବର୍ଗ ପ୍ରାର୍ଥୀଙ୍କ ପାଇଁ ବୟସ ସୀମା ଆଉ ୫ବର୍ଷ କୋହଳ କରାଯାଇଛି। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ୩ବର୍ଷ ପାଇଁ ଏହା ଲାଗୁ ହୋଇଛି। ସୋମବାର ରାଜ୍ୟ କ୍ୟାବିନେଟ୍‌ରେ ହୋଇଥିବା ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଥିବାବେଳେ ସରକାରୀ ଚାକିରି ଆଶାୟୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### ନୂଆ ଆଶାର ସଞ୍ଚାର କରିଛି



ନିଶ୍ଚିତ ପକ୍ଷେ ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ବହୁ ପ୍ରାର୍ଥୀ ଲାଭବାନ ହୋଇପାରିବେ। ବିଶେଷକରି ଯେଉଁମାନେ ଏବେ ବୟସ ହୋଇଯିବା କାରଣରୁ ସରକାରୀ ଚାକିରି ପାଇଁ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ, ସେମାନଙ୍କ ପାଇଁ ଏହା ନୂତନ ଆଶା ସଞ୍ଚାର କରିଛି।

**-ଗଙ୍ଗାଧର ସେଠୀ, କର୍ମଜୀବୀ**

### ଆଉ ଏକ ସୁଯୋଗ ଆଣିଦେବ



ସରକାରଙ୍କ ଏହି ନିଷ୍ପତ୍ତି ସବୁ ବର୍ଗ ପାଇଁ ଖୁସି ଆଣି ଦେଇଛି। କେବଳ ସଂରକ୍ଷିତ ବର୍ଗ ନୁହେଁ, ବରଂ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ମଧ୍ୟ ଚାକିରି ମିଳିବାରେ ଆଉ ଏକ ସୁଯୋଗ ସୃଷ୍ଟି କରିବ। ୩୮ ବର୍ଷ ହେଲେ ବି ଏବେ ଜଣେ ପ୍ରାର୍ଥୀ ସରକାରୀ ଚାକିରି ପାଇ ପାରିବ।

**-ରଞ୍ଜିତ ବେହେରା, କର୍ମଜୀବୀ**

### ଗୃହିଣୀଙ୍କ ଚାକିରିରେ ବୟସ ବାଧକ ହେବନି



ଏସ୍‌ସି ଏସ୍‌ଟି, ଦିବ୍ୟାଙ୍ଗ ଏବଂ ମହିଳାଙ୍କ ପାଇଁ ଆହୁରି ୫ବର୍ଷ ବୟସ କୋହଳ କରାଯାଇଛି। ଏହା ଜାଣିବା ପରେ ବହୁତ ଖୁସି ଲାଗୁଛି। ବିଶେଷକରି ମହିଳାମାନେ ବିବାହ ପରେ ସାଙ୍ଗେ ସାଙ୍ଗେ ଚାକିରି କରିବା ପାଇଁ ସମୟ ପାଆନ୍ତି ନାହିଁ। ଯେତେବେଳେ ଚାକିରି କରିବା ପାଇଁ ନିଜକୁ ତିଆରି କରନ୍ତି, ସେତେବେଳକୁ ବୟସ ବାଧକ ସାଜେ। ମାତ୍ର ଏବେ ସେ ସମସ୍ୟା ରହିବ ନାହିଁ। କାରଣ ସେମାନଙ୍କୁ ଆହୁରି ୫ ବର୍ଷ ସମୟ ମିଳିଲା।

**-ରଶ୍ମିରେଖା ଦାସ, ଗୃହିଣୀ**

### ମହାମାରୀ ସମୟରେ ସରକାରଙ୍କ ଭେଟି



ବର୍ତ୍ତମାନର ମହାମାରୀ ସମୟରେ ସାଧାରଣ ଲୋକଙ୍କ ପାଇଁ ସରକାରଙ୍କର ଏହା ସବୁଠାରୁ ବଡ଼ ଭେଟି। ସାଧାରଣ ବର୍ଗର ଲୋକଙ୍କ ପାଇଁ ବୟସ ୩୦ ଛୁଇଁଲେ ସରକାରୀ ଚାକିରୀ ପାଇବା ଆଶା ଧୀରେ ଧୀରେ ମଉଳି ଯାଏ। ମାତ୍ର ଏବେ ଆହୁରି ୬ ବର୍ଷ ପର୍ଯ୍ୟନ୍ତ ସେମାନେ ଚାକିରି ଆବେଦନ କରିପାରିବେ। ଏହା ଅତ୍ୟନ୍ତ ଖୁସିର ବିଷୟ।

**-ଜ୍ଞାନ ରଞ୍ଜନ ପାତ୍ର, ଶିକ୍ଷକ**

### ଖାଲି ପଦବୀ ପୂରଣ ହେବ



ପ୍ରାଇଭେଟ୍ କମ୍ପାନୀ ତଥା ଅନୁଷ୍ଠାନରେ ୩୫ବର୍ଷ ପରେ ମଧ୍ୟ ଚାକିରି ମିଳିଯାଏ। ମାତ୍ର ସରକାରୀ କ୍ଷେତ୍ରରେ ୩୨ବର୍ଷ ଡେଇଁଲେ ଚାକିରି ମିଳିବା କଷ୍ଟ। ଏହାଦ୍ୱାରା ଅନେକ ସମୟରେ ସରକାରୀ ଚାକିରିରେ ଖାଲି ପଦବୀ ରହୁଛି। କିନ୍ତୁ ଏବେ ଆଉ ସେ ସମସ୍ୟା ରହିବ ନାହିଁ।

**-ଜିତେନ୍ଦ୍ର ବେଉରା, ଚାକିରି ଆଶାୟୀ**

### ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ



ବେଶି ଖୁସି ଲାଗୁଛି ଯେ, ସରକାର ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗ ସମେତ ସାଧାରଣ ବର୍ଗଙ୍କୁ ମଧ୍ୟ ପ୍ରାଧାନ୍ୟ ଦେଇଛନ୍ତି। ପୂର୍ବରୁ ଧାର୍ଯ୍ୟ ବୟସ ଅତିକ୍ରମ କରି ଯାଇଥିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ସରକାରୀ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ସେମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ କହିଲେ ଭୁଲ୍ ହେବ ନାହିଁ।

**-ନିରଞ୍ଜନ ସାହୁ, ସାମାଜିକ କର୍ମୀ**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସ୍ନେହଲତା



@ ଅକ୍ଷୟ



@ ଚିତ୍ତରଞ୍ଜନ



@ ରାମକୃଷ୍ଣ



@ ପ୍ରକାଶ



@ ସୁଜିତ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୯ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଶ୍ରାଦ୍ଧୋତ୍ସବ, ଶାସ୍ତ୍ରୀନଗର ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୯ଟା।
- ଇଣ୍ଡସଇଣ୍ଡ ବ୍ୟାଙ୍କ ପକ୍ଷରୁ ରୋଡ୍ ଟୁ ସ୍କୁଲ ପ୍ରୋଗାମର କମ୍ୟୁନିଟି ଲର୍ଣ୍ଣିଂ ସେଣ୍ଟର ଉଦ୍‌ଘାଟନ, ଶାନ୍ତପଲ୍ଲୀ କମ୍ୟୁନିଟି ସେଣ୍ଟର, ବିଏମ୍‌ସି ମଲ୍ ନିକଟ, ସକାଳ ୯ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।




ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରୁଛନ୍ତି।

# ପ୍ରେମ୍ ଆନନ୍ଦଙ୍କ ଗଜଲ ଶ୍ରୋତାଙ୍କ ମନ ଛୁଇଁଲା

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଓଡ଼ିଆ ମିଡିଆ ପକ୍ଷରୁ 'ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟା' ସୋମବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହିନ୍ଦୀ ସିନେମାର ଗୀତିକାର ସମୀର ଅଞ୍ଜାନ ଭର୍ଚୁଆଲରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଓଡ଼ିଆ ସମେତ ହିନ୍ଦୀ, ବଙ୍ଗଳା, ମରାଠୀ ଓ ଅନ୍ୟାନ୍ୟ ଭାଷାରେ ୫ହଜାରରୁ ଉର୍ଦ୍ଧ୍ୱ ସଙ୍ଗୀତରେ ନିର୍ଦ୍ଦେଶନା ଦେଇଛନ୍ତି। ସିନେମା ସମେତ ଅପେରା, ଆଲବମ୍, ଭଜନ ଓ ବିଜ୍ଞାପନ ଦୁନିଆରେ ନିଜର ନିଆରା ନିପୁଣତା ଦେଖାଇଥିବା ପ୍ରେମ ଆନନ୍ଦ ପ୍ରଥମ ଥର ପାଇଁ ଗଜଲ ଶୈଳୀରେ ଓ ଗୀତକୁ ନେଇ 'ଅନ୍ତଃସ୍ୱର' ଶୀର୍ଷକ ଏକ ଆଲବମ୍ ପ୍ରସ୍ତୁତ କରିଛନ୍ତି। କାର୍ଯ୍ୟକ୍ରମରେ ଏହି ଆଲବମ୍ ଗୀତ ଯଥା 'ମୁଁ ଅସହାୟ', 'ଏମିତି କେତେଦିନ', 'କଥା ଦେଇଥିଲ', 'ଏମିତି ହସୁଛ' ଆଦିକୁ କଣ୍ଠଶିଳ୍ପୀ ଦୀପ୍ତିରେଖା, ସୌରଭ, ସମୀକ୍ଷା, ଅରୋଶିଷ, ଅଭିଜିତ, ଶଶାଙ୍କଶେଖର, ଶ୍ରୀଚରଣ ଓ ବିଶ୍ୱଜିତ ମଞ୍ଚରେ ପରିବେଷଣ କରିଥିଲେ। ଯାହାକି ଉପସ୍ଥିତ ସ୍ରୋତାଙ୍କ ମନକୁ ଛୁଇଁଥିଲା। ଓଡ଼ିଆ ମିଡିଆର ନିର୍ଦ୍ଦେଶକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜୟ ଭାରତ ସ୍ପାଇସେସ୍ ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ଓ ଟିମ ଆଡ୍‌ମାର୍କର ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରେମ ଆନନ୍ଦ ମଞ୍ଚରେ ଉପସ୍ଥିତ ରହିବା ସହ ଉତ୍ସବକୁ ଗୀତିକାର ବିଜୟ ମଲ୍ଲ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାଲ୍ କାଗଜପତ୍ରରେ ଋଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଜାଲ୍ କାଗଜପତ୍ର କରି ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଲୋନ୍ ଉଠାଇଥିବା ଜଣେ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ଅଧୀନ ଅଡଶପୁର ଗ୍ରାମର ସ୍ମୃତିରଞ୍ଜନ ସାହୁ(୩୮)। ତାଙ୍କ ଘରୁ ବିଭିନ୍ନ ଲୋକଙ୍କ ନାମରେ ଥିବା ଆଧାରକାର୍ଡ, ପାନ କାର୍ଡ, ବିଭିନ୍ନ ବ୍ୟାଙ୍କର ପାସବୁକ୍ ଓ କାଗଜପତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ମୃତିରଞ୍ଜନ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ସନ୍ତୋଷ ସାହୁଙ୍କ ନାମରେ ଜାଲ୍ ଆଧାରକାର୍ଡ ଓ ପାନ୍‌କାର୍ଡ ତିଆରି କରିଥିଲେ। ପରେ ସେ ରସୁଲଗଡ଼ସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କରେ ସନ୍ତୋଷଙ୍କ ନାମରେ ଏକ ପାସ୍‌ବୁକ ଖୋଲି ୧ ଲକ୍ଷ ୪୦ ହଜାର ଟଙ୍କାର ଲୋନ୍ ଉଠାଇଥିଲେ। ସେହିପରି ବାଜାଜ୍ ଫାଇନାନ୍ସରୁ ୧ଲକ୍ଷ ଟଙ୍କାର ଏସି ଫ୍ରିଜ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଥିଲେ। ସନ୍ତୋଷଙ୍କ ନିକଟକୁ ଲୋନ୍‌ର କିସ୍ତି ଦେବାକୁ ନୋଟିସ ଯିବାରୁ ସେ ଉକ୍ତ ସଂସ୍ଥାକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରବିବାର (ନଂ.୪/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଧାରଣା

### ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ରାସ୍ତାରୋକୋ ଘଟଣା

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ବେଳେ ଆନ୍ଦୋଳନକାରୀମାନେ ଗସ୍ତର ବିରୋଧ କରି ରାସ୍ତାରୋକୋ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାରକେଡ୍‌କୁ ଦୀର୍ଘ ୨୦ମିନିଟ ପର୍ଯ୍ୟନ୍ତ ଏକ ବ୍ରିଜ ଉପରେ ରୋକାଯାଇଥିଲା। ଏହାର ପ୍ରତିବାଦରେ ସୋମବାର ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ମୌନ ଧାରଣା ଦିଆଯାଇଥିଲା। ଘଟଣାରେ ପଞ୍ଜାବ ରାଜ୍ୟ କଂଗ୍ରେସ ସରକାର କ୍ଷମା ମାଗିବା ପରିବର୍ତ୍ତେ ନିଜ ମୁଣ୍ଡରୁ ଦୋଷ ଖସାଇ କେନ୍ଦ୍ର ସରକାର, ଭାଜପାକୁ ସମାଲୋଚନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି।

# 'ଯୁବ ସମାଜ ସର୍ବୋଚ୍ଚ ଶକ୍ତିର ଅଧିକାରୀ'

ଭୁବନେଶ୍ୱର,୧୦।୧(ବ୍ୟୁରୋ)

### ଆନ୍ତର୍ଜାତିକ ଶୋଭନୀୟ ଯୁବ ୱେବ ସମ୍ମିଳନୀ

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଆୟୋଜିତ ୨୧ତମ ଆନ୍ତର୍ଜାତିକ ଯୁବ ୱେବ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରି ଯୁବ ସମାଜ ଅଜସ୍ର, ଉଦମ୍ୟ, ଅପ୍ରତିହତ, ଅନନ୍ୟ ଓ ଅପାର ଶକ୍ତିର ଭଣ୍ଡାର ବୋଲି କହିଥିଲେ। କରୋନା ମୁକାବିଲା କରିବା ଓ ଏହାକୁ ପରାଜିତ କରିବା ପାଇଁ ଯୁବକମାନେ ବେଶ ସକ୍ଷମ ଓ ସଦା ସମର୍ଥ ବୋଲି ଦର୍ଶାଇଥିଲେ। ମହାମାରୀ ସମୟରେ 'ମାନସିକ ସୁସ୍ଥତା ଏବଂ ଜନ ମନୋବଳ ବୃଦ୍ଧି' ଶୀର୍ଷକ ଆଲୋଚନାଚକ୍ର ବେଶ ଉପଯୋଗୀ। ସମାଜରେ ଶାନ୍ତି, ସଂହତି, ସଦାଚାର, ସନ୍ତୁଷ୍ଟି, ସଦ୍ଭାବନା ଓ ସାକାରାତ୍ମକ ବାର୍ତ୍ତାର ପ୍ରଚାର ଓ ପ୍ରସାର କରିବା ପାଇଁ ଯୁବ ସମ୍ପ୍ରଦାୟଙ୍କୁ ନିବେଦନ କରିଥିଲେ। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଏବଂ ସମ୍ମିଳନୀର ସଭାନେତ୍ରୀ ଡ. ଅରୁନ୍ଧତି ଦେବୀ ଯୁବକମାନେ ଶାନ୍ତ, ଶିଷ୍ଟ, ସ୍ନେହୀ, ସତ୍ୟନିଷ୍ଠ, ସଚ୍ଚୋଟ ଏବଂ ଶୃଙ୍ଖଳିତ ହେବା ଆବାଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ତଥା ବିଶ୍ୱ ଓ ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଯୁବକଙ୍କୁ ଦୁଶ୍ଚିନ୍ତା ଓ ବିଶାଦଗ୍ରସ୍ତରୁ ଦୂରରେ ରହି ସତର୍କତା ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଅତିଥି ବକ୍ତା ଆମେରିକାରେ ଅବସ୍ଥାପିତ ଯୁବ ଶିଳ୍ପୋଦ୍ୟୋଗୀ ଅନୁଭବ ମିଶ୍ର, ମହାମାରୀ ଜନିତ ପ୍ରତିବନ୍ଧକ, ପାରମ୍ପରିକ ଧାରାରୁ ହଟି କାମ କରିବା, ଉଦ୍ଭାବନର କ୍ଷେତ୍ରକୁ ପ୍ରଶସ୍ତ କରିବା, ଅଭିନବ ସାମର୍ଥ୍ୟ ପ୍ରଦର୍ଶନ କରିବା ଏବଂ ନିଜର ଅନ୍ତର୍ନିହିତ ଶକ୍ତିର ସୂତ୍ରକୁ ଅନାବରଣ କରିବା ନେଇ ଆମ ସମ୍ମୁଖରେ ବହୁମୁଖୀ ସୁଯୋଗର ଭଣ୍ଡାର ସୃଷ୍ଟି କରିଥିବା ସୂଚାଇଥିଲେ। ଏହି ଅବସରରେ ସମ୍ମିଳନୀର ସ୍ମରଣିକା ଯୁବସୂର୍ଯ୍ୟର ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ଦେଶରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ଅନଲାଇନ ମାଧ୍ୟମରେ ଯୋଡ଼ିହୋଇ ବିଭିନ୍ନ ମତ ପୋଷଣ କରିଥିଲେ।

# ମହାବିଦ୍ୟାଳୟରେ ନାମଲେଖା ଦୁର୍ନୀତି

ଭୁବନେଶ୍ୱର,୧୦।୧(ବ୍ୟୁରୋ)

### ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌କୁ ବିକ୍ରି କରାଯାଇଛି: ୟାସିର ନୱାଜ

ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ନାମ ଲେଖାକୁ ନେଇ ଦୁର୍ନୀତି ହେଉଥିବା ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସଭାପତି ୟାସିର ନୱାଜ, ଓଏସଏସସିର ଚାକିରି ବିକ୍ରି ଦୁର୍ନୀତି ପରେ ସରକାରୀ ମହାବିଦ୍ୟାଳୟ ସିଟ୍ ବିକ୍ରି କଥା ପଦାକୁ ଆସିଛି ବୋଲି କହିଛନ୍ତି। ନୱାଜ କହିଛନ୍ତି, ୨୦୨୦ ଓ ୨୦୨୧ ଶିକ୍ଷାବର୍ଷରେ ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ସାଂଘାତିକ ଦୁର୍ନୀତି ହୋଇଛି। ଏଥିରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପେକ୍ଷା କରାଯାଇଛି ଓ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌କୁ ବିକ୍ରି କରାଯାଇଛି ବୋଲି ସେ କହିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଘଟଣାର ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି ହୋଇଛି।



ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଅବହେଳା କରି କଂଗ୍ରେସର ହତ୍ୟା ଷଡ଼ଯନ୍ତ୍ର ପ୍ରତିବାଦରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ମୌନ ଧାରଣା।




ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ଜୀବିକା ମିଶନ ଇସିଆର୍‌ପି ଟିମ୍ ପକ୍ଷରୁ ସୋମବାର ୟୁନିଟ୍-୮ସ୍ଥିତ ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।




ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଅନିୟମିତତାରେ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିଙ୍କୁ ଗିରଫ ଦାବିରେ ଏବିଭିପି ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଉଛି।

## କଣ୍ଠିଆ ନଦୀ ଉପରେ ଆନ୍ସିକଟ ପାଇଁ ଶିଳାନ୍ୟାସ

ଆଠଗଡ଼,(ସ୍ୱ.ପ୍ର.): କଟକ ଜିଲା ଜଳ ନିକାଶ ବିଭାଗ ଆନୁକୂଲ୍ୟରେ ଆଠଗଡ଼ ବ୍ଲକ ଗୌରାଙ୍ଗ ପୁରଠାରେ କଣ୍ଠିଆ ନଦୀ ଉପରେ ଏକ ଆନ୍ସିକଟ ଓ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୩ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ୬ ଟି ଗ୍ରାମର ଲୋକେ ଉପକୃତ ହେବାସହ ସମ୍ପୃକ୍ତ ମୌଜାର ୫୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ନୃସିଂହ ମହାପାତ୍ର, ପ୍ରତିମା ମହାନ୍ତି, ଶ୍ରୀନିବାସ ସାଇଁ, ବଂଶୀଧର ମହାନ୍ତି, ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ଜଗତ୍‌ସିଂପୁର ଡିଙ୍କିଆରେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଦମନ ବନ୍ଦ ପାଇଁ କଟକ ସିଭିଲ ସୋସାଇଟି ପକ୍ଷରୁ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ, ଡିଜି ଅଫିସ, ପୂର୍ବାହ୍ନ ୧୧ଟା।

# ଦଳିତ ପରିବାରର ଧାରଣା

**ନିଶ୍ଚିନ୍ତକୋଇଲି, ୧୦।୧(ସ୍ୱ.ପ୍ର.)**

- ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ
- ପ୍ରଥମ କିସ୍ତି ପରଠୁ ମିଳିନି ଟଙ୍କା



ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ନିର ପରିବାର ସଦସ୍ୟଙ୍କ ସହ ଧାରଣାରେ ବସିଛନ୍ତି।

ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାରୁ ନିଶ୍ଚିନ୍ତକୋଇଲି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦଳିତ ପରିବାର ସୋମବାର ଧାରଣା ଦେବା ସହ ସପରିବାରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ସେମାନେ ହେଲେ ଏହି ବ୍ଲକ ଅନ୍ତର୍ଗତ ଓରତି ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ଶୁକଦେବ ମଳିକଙ୍କ ପରିବାର। ଶୁକଦେବ ଓ ସ୍ତ୍ରୀ ନିର, ପୁଅ, ବୋହୂ ଓ ୨ ନାତିଙ୍କୁ ନେଇ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦାବି ପୂରଣ ନ ହେଲେ ପୋଡି ହୋଇମରିଯିବେ ବୋଲି କହି କିରୋସିନ ଜାର ଧରି ଧାରଣାରେ ବସିଥିଲେ।

ଶୁକଦେବଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସ୍ତ୍ରୀ ନିରଙ୍କ ନାମରେ ୨୦୦୫-୦୬ ଆର୍ଥିକ ବର୍ଷରେ ଇନ୍ଦିରା ଆବାସ ଯୋଜନାରେ ୬ ଫେବୃୟାରୀ୨୦୦୬ରେ କାର୍ଯ୍ୟାଦେଶ (ନଂ ୫୧/୦୫-୦୬) ପ୍ରଦାନ କରାଯାଇଥିଲା। ଏହାପରେ ନିର ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବ୍ଲକ ପ୍ରଶାସନ ତରଫରୁ ପ୍ରଥମ କିସ୍ତି ବାବଦରେ ୬ ହଜାର ଟଙ୍କା ଦିଆଯାଇଥିଲା। ମାତ୍ର ପ୍ରଶାସନ ତରଫରୁ ତାଙ୍କୁ ଦ୍ୱିତୀୟ କିସ୍ତି ଦିଆଯାଇ ନ ଥିଲା। ଇତି ମଧ୍ୟରେ ୨ଟି ବାତ୍ୟା ଅତିବାହିତ ହୋଇଯାଇଛି। ବାତ୍ୟା ପ୍ରଭାବରେ ଅଧାପନ୍ତରିଆ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନିର ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାକୁ ବକେୟା ଅର୍ଥ ମିଳି ନ ଥିଲା। ଏପରିକି ତତ୍କାଳୀନ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ। ଫଳରେ ନିର ଗୃହନିର୍ମାଣ କରି ନ ପାରି ଦୟନୀୟ ଭାବେ ସପରିବାରେ ଉକ୍ତ ଭଙ୍ଗା କୁଡିଆରେ ବସବାସ କରୁଛନ୍ତି। ସୋମବାର ଏହାର ପ୍ରତିବାଦ କରିବା ପରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର ନେଇଥିବା କିସ୍ତି ଫେରାଇଦେଲେ ତାଙ୍କୁ ଆଉ ଏକ ଆବାସ ଯୋଜନାରେ ନୂତନ ଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପେଟାନାଳର ଉନ୍ନତିରେ ପୂର୍ବତନ କର୍ପୋରେଟରଙ୍କୁ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**କଟକ ଅଫିସ, ୧୦।୧:** ସିଡିଏସ୍ଥିତ ପେଟାନାଳ ସେକ୍ଟର ୬ରୁ ୧୦ ପର୍ଯ୍ୟନ୍ତ ସମସ୍ତ ନାଳକୁ ଯୋଡାଯାଇଛି। ଏଥିରେ ଖୋଲାଖୋଲି ଭାବେ ଅଳିଆ ଆବର୍ଜନା ପକାଯାଉଛି। ଫଳରେ ପେଟାନାଳ ଦୂଷିତ ହେବା ସହ ମଶା ବଂଶ ବୃଦ୍ଧିର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ସିଡିଏରେ ବସବାସ କରୁଥିବା ୭୫ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡୁଛି। ଏହାକୁ ନେଇ ୧ନଂ ୱାର୍ଡର ପୂର୍ବତନ କର୍ପୋରେଟର ତଥା ସିଏମସିର ପୂର୍ବତନ ପ୍ଲାନିଂ ମେମ୍ବର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ ଦିଲ୍ଲୀ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ପେଟାନାଳର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଚିତ୍ତରଞ୍ଜନ ଦାସଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି ବୋଲି ପୂର୍ବତନ କର୍ପୋରେଟର ଦାସ ଜଣାଇଛନ୍ତି।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୧୦।୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୧୧ନମ୍ବର ୱାର୍ଡ଼ ଓଟିଏମ୍ କଲୋନିରୁ ସୋମବାର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ସ୍ଥାନୀୟ ପୋଲିସ ଏକ ମାମଲା (ନଂ. ୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ଦିନ ୧୧ଟା ସମୟରେ ପରିବାର ଲୋକେ କୌଣସି କାର୍ଯ୍ୟରେ ଘର ବାହାରକୁ ଯାଇଥିଲେ। ପରେ ଘରକୁ ଫେରିବାବେଳେ ଝିଅକୁ ବାରମ୍ବାର ଡାକିବା ସତ୍ତ୍ୱେ କବାଟ ଖୋଲି ନ ଥିଲେ। ସନ୍ଦେହରେ ଝରକା ବାଟେ ଦେଖିବାବେଳେ ଝିଅ ବେକରେ ରଶି ଲଗାଇ ଘର ଶେଣିରେ ଝୁଲୁଥିଲେ। ଝିଅକୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର ଠିକ୍ କାରଣ ଜଣା ପଡ଼ି ନାହିଁ।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ୩ଦଫା ଦାବିପତ୍ର ପ୍ରଦାନ

**କଟକ ଅଫିସ,୧୦।୧:** ଭାଜପା କୃଷକ ମୋର୍ଚ୍ଚାର ଓଡ଼ିଶା ପ୍ରଦେଶର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଉପସଭାପତି ହୃଷୀକେଶ ଜେନାଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କଟକ ଜିଲାରେ ଅଦ୍ୟାବଧି କୌଣସି ବି ଧାନମଣ୍ଡି ଖୋଲିଲା ନାହିଁ। ଫଳରେ ଚାଷୀ ଧାନକୁ କେନ୍ଦ୍ର ସରକାର ଦେଉଥିବା ଏମ୍‌ଏସ୍‌ପି ୧୯୪୦ ଟଙ୍କା ବଦଳରେ ୧୨୦୦ ଟଙ୍କାରେ ମିଲରଙ୍କ ଦଲାଲଙ୍କୁ ବିକ୍ରି କରିବାପାଇଁ ବାଧ ହେଉଛନ୍ତି। ଏଥିସହ ମଣ୍ଡି ବିଳମ୍ବରେ ଖୋଲାଯାଉଥିବାରୁ ଟୋକନ ଲାପ୍ସ କରିଯାଉଛି। ଏଣୁ ଟୋକନ ଅବଧି ୨ ମାସ ବୃଦ୍ଧି କରାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ସ୍ୱାଇଁ, ରାଜ୍ୟ ଉପସଭାପତି ରଞ୍ଜନ ମଙ୍ଗରାଜ, କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ସମ୍ପାଦକ ହିତେଶ ମହାପାତ୍ର, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, କୃଷକ ମୋର୍ଚ୍ଚା କଟକ ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, କଟକ ସଦର ଜିଲା ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ଧାରା ୧୬(୨) ସଂଶୋଧନ ନିଷ୍ପତ୍ତିକୁ ବିରୋଧ କରି ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଖୋଲିଲାନି ଧାନମଣ୍ଡି, ଚାଷୀ ହତାଶ

**କଟକ ସଦର,୧୦।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୯ଟି ଧାନମଣ୍ଡି ସୋମବାର ସୁଦ୍ଧା ଖୋଲିପାରିଲା ନାହିଁ। ମିଲର ଧାନ ନେବା ପାଇଁ ଆସୁ ନ ଥିବାରୁ ଜାନୁୟାରୀ ୫ ତାରିଖରୁ ଧାନ ବିକ୍ରି ପାଇଁ ଖାଦ୍ୟ ଓ ଯୋଗାଣ ବିଭାଗରୁ ମେସେଜ ପାଇ ମଧ୍ୟ ଚାଷୀମାନେ ହତାଶ ହୋଇ ଫେରିଛନ୍ତି। କେନ୍ଦ୍ର ଖାଦ୍ୟ ନିଗମ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଅବଧି ଧାର୍ଯ୍ୟ କରିଛି। ଜାନୁୟାରୀରେ ଧାନ ସଂଗ୍ରହ ଯେତେ ବିଳମ୍ବ ହେବ, ସେ ଅନୁସାରେ ସାପ୍ତାହିକ ପାଳିଗୁଡିକରେ ଧାନ ବିକ୍ରି କରିବା ପାଇଁ ସବୁ ଚାଷୀମାନଙ୍କୁ ମିଳି ନ ପାରେ ବୋଲି ଅବିଭକ୍ତ କଟକ ଜିଲା ଭାଜପା ସମବାୟ ସଂଯୋଜକ ବିଜୟ ରାଉତରାୟ କହିଛନ୍ତି। ସୂଚନା ମୁତାବକ, ସରକାର କୁଇଣ୍ଟାଲ ଧାନ ବଦଳରେ ମିଲରଙ୍କଠାରୁ ୬୮ କିଲୋ ଚାଉଳ ନେବାକୁ ଚାହୁଁଛନ୍ତି। କିନ୍ତୁ କଞ୍ଚା ଧାନ ଶୁଖିଯାଇ ଓଜନ ହ୍ରାସ ପାଉଥିବାରୁ ମିଲର ୬୨ କିଲୋ ଚାଉଳ ଦେବାପାଇଁ ସର୍ତ୍ତ ଆରୋପ କରୁଛନ୍ତି। ଫଳରେ ସରକାର-ମିଲରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରରେ ବିଳମ୍ବ ହେଉଥିବା କୁହାଯାଉଛି। ଯଥାଶୀଘ୍ର ଧାନ ମଣ୍ଡି ଖୋଲିବା ପାଇଁ ଉଦ୍ୟମ ଚାଲିଛି ବୋଲି କଟକ ଜିଲା ଧାନ କ୍ରୟ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର କହିଛନ୍ତି।

# ବିଧାୟକ ଦେବୀ ପ୍ରସାଦ ମିଶ୍ର ହଟହଟା

**ନରସିଂହପୁର,୧୦।୧(ସ୍ୱ.ପ୍ର.)**

- ଉଦ୍‌ଘାଟନୀ କାର୍ଯ୍ୟରେ ଯୋଗଦେଇ ନ ପାରି ଫେରିଗଲେ
- ପ୍ରତିବାଦରେ ହିତାଧିକାରୀଙ୍କ ଧାରଣା

ନରସିଂହପୁର ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିବାକୁ ଆସିଥିବା ବେଳେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ସୋମବାର ହଟହଟା ହେବାକୁ ପଡ଼ିଛି। ମିଶ୍ର ବ୍ଲକରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବହୁ ଯୋଗ୍ୟ ହିତାଧିକାରୀ ତାଙ୍କୁ ଘେରିଯାଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆବାସ ଯୋଜନାରେ ସେମାନଙ୍କ ନାମ ତାଲିକାଭୁକ୍ତ ଥିବା ସହ ଜିଓ ଟ୍ୟାଗିଂ କରାଯାଇଛି। ଏହାସତ୍ତ୍ୱେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ରାଶିରୁ ବଞ୍ଚିତ କରାଯାଉଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରି ନ ଥିବା ତାଲିକାଭୁକ୍ତ ଜିଓ ଟ୍ୟାଗିଂ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ମାତ୍ର ନରସିଂହପୁରରେ ବହୁ ଯୋଗ୍ୟ ହିତାଧିକାରୀ ଏହି ସହାୟତା ରାଶିରୁ ବଞ୍ଚିତ ହୋଇଛନ୍ତି। ଏନେଇ ବିରୋଧ ହେବାରୁ ବିଧାୟକ ଉକ୍ତ ସ୍ଥାନ ଛାଡି ଅନ୍ୟ ଏକ କାର୍ଯ୍ୟକ୍ରମକୁ ଚାଲିଯାଇଥିଲେ। ପ୍ରତିବାଦରେ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ମୂର୍ତ୍ତି ଆଗରେ ଧାରଣା ଦେଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ହିତାଧିକାରୀମାନେ ଧାରଣାରେ ବସିରହିଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଦୀପ କୁମାର ସାହୁ ଏବଂ ବିଧାୟକ ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଉଭୟେ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ନ ଦେଇ ଚାଲିଯାଇଥିଲେ। ୨୦୨୧ ଡିସେମ୍ବର ୨୮ରେ ବାସେଳିହଟା ଛକରେ ମଧ୍ୟ ବିଧାୟକ ମିଶ୍ର ହଟାହଟାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏବେ ପୁନର୍ବାର ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## କୋଟିଏ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**ଚୌଦ୍ୱାର,୧୦।୧(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଚୌଦ୍ୱାର ସହରାଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୌରପାଳିକାର ୧୦, ୧୬, ୧୮ନଂ ୱାର୍ଡରେ ମିଶନ ଶକ୍ତି ଗୃହ, ୨, ୬, ୧୪, ୧୬, ୧୭ନଂ ୱାର୍ଡରେ ଜଗିଂ ପାର୍କ, ୧, ୭, ୧୩, ୧୭ନଂ ୱାର୍ଡରେ ମିନି ପାର୍କର ଶିଳାନ୍ୟାସ କରିବା ସହ ୱାର୍ଡ ନମ୍ବର ୪, ୬, ୯, ୧୪ରେ ନିର୍ମାଣ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୃହର ଉଦ୍‌ଘାଟନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ପୌର ଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ମୁକ୍ତାର ପ୍ରକଳ୍ପ ସଂଯୋଜିକା ଦେବିକା ମହାନ୍ତି, ଅଭିପ୍‌ସା ପଟ୍ଟନାୟକ, ବିଜେଡି କଟକ ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ସମ୍ପାଦକ ଶୁଭେନ୍ଦୁ ସାମଲ, ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ା, ଯୁବ ସଭାପତି ଅର୍ଜୁନ ପଣ୍ଡା, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଅଜୟ ବେହେରା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁଙ୍କ ସମେତ ଅଭିପ୍ସା ପଟ୍ଟନାୟକ, ଇଂ. ସଞ୍ଜୟ ସାମଲ, ଶୁଭଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକଘର ସ୍ଥାନାନ୍ତରକୁ ନେଇ ଭାଜପାର ବିରୋଧ

**କଟକ ଅଫିସ୍, ୧୦।୧**

- ପୂର୍ବ ସ୍ଥାନକୁ ଫେରାଇବାକୁ ଦାବି
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

କ୍ୟାଣ୍ଟନମେଣ୍ଟ ରୋଡ ପୋଷ୍ଟ ଅଫିସ୍ ବର୍ତ୍ତମାନ କଟକ ଜିପିଓରେ କାର୍ଯ୍ୟ କରୁଛି। ଉକ୍ତ ପୋଷ୍ଟ ଅଫିସକୁ ଜିପିଓରେ ମିଶ୍ରଣ କରିବାକୁ ଯୋଜନା କରାଯାଇଛି ବୋଲି ଭାଜପା କଟକ ନଗର ଜିଲା ୩୪ ନମ୍ବର ୱାର୍ଡ ପକ୍ଷରୁ ଅଭିଯୋଗ ହୋଇଛି। ଦଳ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉଦ୍ଦେଶ୍ୟରେ ମନୋଜ କୁମାର ନାୟକଙ୍କୁ ସୋମବାର ଦିଆଯାଇଛି। କ୍ୟାଣ୍ଟନମେଣ୍ଟ ରୋଡ ଡାକଘରଟି ମାଛୁଆ ବଜାର, ବଣିଆ ସାହି, ମଣିସାହୁ ଛକ, ମାତାମଠ ଆଦି ଅଞ୍ଚଳର ଜନସାଧାରଣଙ୍କୁ ସେବା ଯୋଗାଇଥାଏ ବୋଲି ଦଳର ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି। ସ୍ଥାନୀୟ ଲୋକେ ଏହି ପୋଷ୍ଟ ଅଫିସ୍‌ରେ ଆକାଉଣ୍ଟ ଖୋଲିଥିବାବେଳେ ଏହି ଡାକଘର ଅଧୀନରେ ବହୁ ପେନସନର୍ସ ସେମାନଙ୍କ ପେନସନ୍ ନେଇଥାନ୍ତି। ୨୦୧୯ ଫନୀ ବାତ୍ୟାରେ ଡାକଘରର ଆଜବେଷ୍ଟସ୍ ଭାଙ୍ଗି ଯିବାରୁ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ପୋଷ୍ଟାଲ ଡିସ୍‌ପେନସାରୀରେ ଖାଲିଥିବା ଏକ କଠୋରିରେ ଡାକ ସେବା ଚାଲିଛି। ଗତ ଡିସେମ୍ବର ୭ ତାରିଖରୁ ପୁନର୍ବାର ଉକ୍ତ ପୋଷ୍ଟ ଅଫିସଟି କଟକ ଜିପିଓ କ୍ୟାମ୍ପସରେ କାର୍ଯ୍ୟ କରୁଛି। ଡାକଘରର ଏପରି ସ୍ଥାନାନ୍ତରରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏ ନେଇ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନାହାନ୍ତି। ଡାକଘରଟି ପୂର୍ବସ୍ଥାନରେ ବା ସ୍ଥାନୀୟ ଅଞ୍ଚଳର ଯେକୌଣସି ସରକାରୀ ଜାଗାରେ କାର୍ଯ୍ୟ କରିବାକୁ ବଡୁ ଦାବି କରିଛନ୍ତି। ଦଳର ଯୁବନେତା ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ଅଜୟ କୁମାର ପୃଷ୍ଟି, ବିଜୟ କୁମାର ପୃଷ୍ଟି, ଚନ୍ଦନ କୁମାର ପୃଷ୍ଟି, ବିଜୟିନୀ ମହାପାତ୍ର, ସନ୍ତୋଷ ସାହୁ, ନମିତା ସାହୁ, ପ୍ରତିମା ମହାପାତ୍ର, ସନ୍ତୋଷ କୁମାର ପୃଷ୍ଟି ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସ୍ନେହଲତା



@ ଅକ୍ଷୟ



@ ଚିତ୍ତରଞ୍ଜନ



@ ରାମକୃଷ୍ଣ



@ ପ୍ରକାଶ



@ ସୁଜିତ

## କଟକଣା ଯୋଗୁ କ୍ରିକେଟ ଟୁର୍ନାମେଣ୍ଟର ୨ ମ୍ୟାଚ ସ୍ଥଗିତ

**ଖୁଣ୍ଟୁଣୀ,୧୦।୧(ଡି.ଏନ୍.ଏ.)**

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକ ଜିଲାର ବାଲି କଲେଜ ଖେଳପଡ଼ିଆରେ ଗତ ୩ତାରିଖରୁ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଜୋନାଲ-୨ର ଶେଷ ପର୍ଯ୍ୟାୟ ୨ଟି ମ୍ୟାଚ(ଦ୍ୱିତୀୟ ସେମିଫାଇନାଲ ଓ ଫାଇନାଲ ମ୍ୟାଚ) କୋଭିଡ୍ କଟକଣା ଯୋଗୁ ସ୍ଥଗିତ ରଖାଯାଇଛି । କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଣୁ ଉତ୍କଳ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ୍ରମେ ପ୍ରତିଯୋଗିତାର ଅବଶିଷ୍ଟ ୨ ମ୍ୟାଚକୁ ସ୍ଥଗିତ ରଖାଯାଇଛି ବୋଲି ଟୁର୍ନାମେଣ୍ଟ ପରିଚାଳନା ଭାର ନେଇଥିବା ବାଲି କଲେଜର ଲାଇବ୍ରେରିଆନ ଅଜୟ କୁମାର କାଳିଆ ସୂଚନା ଦେଇଛନ୍ତି। ବାଲି କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ରବିବାର ଟୁର୍ନାମେଣ୍ଟର ସପ୍ତମ ଦିବସର ଶେଷ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର କ୍ୟାପିଟାଲ ଆଇନ ମହାବିଦ୍ୟାଳୟ ନରସିଂହପୁର ଡିଆଇଇଟିକୁ ପରାସ୍ତ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ଅତିଥି ଭାବେ ବାଙ୍ଗାଲୋରସ୍ଥିତ ଏସ୍‌ସିଜି ଗ୍ରୁପ ଅଫ୍ ମେଡିକାଲର ଉପସଭାପତି ଗିରୀଶ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଅଧ୍ୟାପକ ପ୍ରଶାନ୍ତ ସାମଲ, ସୁବ୍ରତ ଷଡଙ୍ଗୀ, ଦେବେନ୍ଦ୍ର ନାଥ ଦାସ, ସଞ୍ଜୁବାଳା ପଟ୍ଟନାୟକ, ମନୋଜ ନାୟକ, ଜଗନ୍ନାଥ ପତ୍ରୀ, ରାଜେନ୍ଦ୍ର ମିଶ୍ର, ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ପୁରାତନ ଡାକଘର ସ୍ଥାନାନ୍ତରକୁ ବିରୋଧ କରି ସୋମବାର ଭାଜପା ୱାର୍ଡ ନଂ.୩୪ର ପ୍ରତିନିଧିମାନେ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।




ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରୁଛନ୍ତି।



କଟକ ଏସ୍‌ସିବି ମେଡିକାଲର କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେବା ପାଇଁ ଆସିଥିବା ଲୋକେ ସୋମବାର ଲମ୍ବାଧାଡ଼ିରେ ଅପେକ୍ଷା କରି ରହିଛନ୍ତି।

